# ପାକ୍‌ସେନା ହସ୍ପିଟାଲରେ ତାଲିବାନ ନେତା ସିରାଜୁଦ୍ଦିନ୍ ହାକାନୀ



ଇସ୍‌ଲାମାବାଦ,୨୨।୫/ଏଜେନ୍ସି : କୋଭିଡ୍-୧୯ରେ ଆକ୍ରାନ୍ତ ହୋଇ ତାଲିବାନ ସଂଗଠନର ତିନିଜଣ କମାଣ୍ଡର ଏବେ ପାକିସ୍ତାନର ରାୱଲପିଣ୍ଡିସ୍ଥିତ ସେନା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବାର ଜଣାପଡ଼ିଛି । ଚିକିତ୍ସାଧୀନ ତିନି ପ୍ରମୁଖ କମାଣ୍ଡରଙ୍କ ମଧ୍ୟରେ ହାକ୍କାନୀ ନେଟ୍‌ୱାର୍କର ମୁଖ୍ୟ ସିରାଜୁଦ୍ଦିନ୍ ହାକ୍କାନୀ ଅଛନ୍ତି । ଅନ୍ୟ ଦୁଇଜଣ ହେଉଛନ୍ତି ମୁଲ୍ଲାହ ଅମୀର୍ ଖାନ୍ ମୁତ୍ତାକୀ ଓ ଫଜଲ୍ ମଜ୍‌ଲୁମ୍ । ଏହି ଦୁଇଜଣ ତାଲିବାନ ଓ ଆମେରିକା ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନାରେ ଭାଗ ନେଇଥିଲେ । ତାଲିବାନୀ ନେତା ମୁଲ୍ଲାହ ନୂରୁଦ୍ଦିନ ତୁରାବିଙ୍କ ସମେତ ଦୁଇଜଣଙ୍କୁ କ୍ୱେଟା ଓ କରାଚୀ ହସ୍ପିଟାଲରେ ରଖାଯାଇଛି । ତେବେ ତାଲିବାନ ପକ୍ଷରୁ ସମ୍ପୃକ୍ତ ଖବରକୁ ମିଛ ଦର୍ଶାଯାଇଛି । ତାଲିବାନ ମୁଖପାତ୍ର ଜବିନୁଲ୍ଲାହଙ୍କ ମତରେ ଆଫଗାନିସ୍ତାନରେ ଥିବା ପ୍ରମୁଖ ତାଲିବାନ ନେତାମାନେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ।

ନିତିଦିନ NITIDIN Sat, May 23, 2020
http://odishanewsnitidin.com